ମତ୍ସ୍ୟ, ପଶୁପାଳନ ଏବଂ ଡେୟିରୀ ବିଭାଗର ମୌସୁମୀ ବୈଠକ

ମୁଖ୍ୟମନ୍ତ୍ରୀ ହେବେ ମୁଖ୍ୟ ଅତିଥି, ଯୋଗଦେବେ କେନ୍ଦ୍ର ଓ ବିଭିନ୍ନ ରାଜ୍ୟର ମନ୍ତ୍ରୀ

ଗତ ନଅ ବର୍ଷ ମଧ୍ୟରେ ଆମ ଦେଶର ଦୁଗ୍ଧ ଉତ୍ପାଦନ ୫୭.୬୨% ବୃଦ୍ଧି ପାଇଛି

ଭୁବନେଶ୍ୱର,୧୧।୯(ନି.ପ୍ର.): ମତ୍ସ୍ୟ, ପଶୁପାଳନ ଏବଂ ଡେୟିରୀ ମନ୍ତ୍ରଣାଳୟ ଅଧୀନସ୍ଥ ପଶୁପାଳନ ଏବଂ ଡେୟିରୀ ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ମୌସୁମୀ ବୈଠକ ଆହୂତ ହୋଇଛି । କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଏବଂ ଦୁଗ୍ଧ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଂଜନ ସିଂ ଓରଫ୍ ଲଲନ ସିଂ ଆସନ୍ତା ୧୩ ତାରିଖ ଶୁକ୍ରବାର ଦିନ ଲୋକସେବା ଭବନ କନ୍‌ଭେନସନ୍ ହଲ୍‌ରେ ଆୟୋଜିତ ଏହି ବୈଠକରେ ଯୋଗଦେବେ । ଏହି ବୈଠକରେ କେନ୍ଦ୍ର ମନ୍ତ୍ରଣାଳୟର ରାଜ୍ୟ ମନ୍ତ୍ରୀ ପ୍ରଫେସର ଏସ୍. ପି. ସିଂ ବାଘେଲ ଏବଂ ମତ୍ସ୍ୟ, ପଶୁପାଳନ ଏବଂ ଡେୟିରୀ ଏବଂ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟର ରାଜ୍ୟ ମନ୍ତ୍ରୀ ଶ୍ରୀ ଜର୍ଜ କୁରିଆନ ମଧ୍ୟ ଉପସ୍ଥିତ ରହିବେ । ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଏବଂ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସ୍ୱତନ୍ତ୍ର ଅତିଥି ଭାବରେ ଯୋଗଦେବେ । ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିବେ । ତୃଣମୂଳସ୍ତରରେ ପ୍ରଭାବୀ କାର୍ଯ୍ୟକ୍ରମ ଗ୍ରହଣପୂର୍ବକ ସଂଯୋଜନ ଢାଞ୍ଚା ସୃଷ୍ଟି କରିବା, ବିଭିନ୍ନ ଯୋଜନାର ଅଗ୍ରଗତି ସମୀକ୍ଷା ସମେତ ଫଳାଫଳ ଏବଂ ମଧ୍ୟବର୍ତ୍ତୀ ସଂଶୋଧନ ନେଇ ଆଲୋଚନା ସାଙ୍ଗକୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ପାଇଁ କାର୍ଯ୍ୟପନ୍ଥା ଆକଳନ ଏହି ମୌସୁମୀ ବୈଠକର ଉଦ୍ଦେଶ୍ୟ । ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ସଂପୃକ୍ତ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ମଧ୍ୟ ବୈଠକରେ ଉପସ୍ଥିତ ରହିବେ । ୨୦୧୪-୧୫ ରୁ ୨୦୨୨-୨୩ ପର୍ଯ୍ୟନ୍ତ ପଶୁପାଳନ କ୍ଷେତ୍ରରେ ଯୌଗିକ ବାର୍ଷିକ ଅଭିବୃଦ୍ଧି ହାର ଉଲ୍ଲେଖନୀୟ ଭାବରେ ୯.୮୨ ପ୍ରତିଶତ ବୃଦ୍ଧି ପାଇଛି । କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ଏହାର ଯୋଗଦାନ ୨୪.୩୬ ପ୍ରତିଶତ ରୁ ୩୦.୨୨ ପ୍ରତିଶତ କୁ ବୃଦ୍ଧି ପାଇଛି । ୨୦୨୨-୨୩ ମସିହାରେ, ସମୁଦାୟ ଜିଭିଏ (ଗ୍ରସ୍ ଭାଲ୍ୟୁ ଆଡେଡ୍)ରେ ଏହି କ୍ଷେତ୍ର ୫.୫ ପ୍ରତିଶତ ଯୋଗଦାନ ଦେଇଥିଲା ଏବଂ ଏହା ଆମ ଅର୍ଥନୀତିରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଗତ ନଅ ବର୍ଷ ମଧ୍ୟରେ ଆମ ଦେଶର ଦୁଗ୍ଧ ଉତ୍ପାଦନ ୫୭.୬୨% ବୃଦ୍ଧି ପାଇଛି । ୨୦୧୪-୧୫ ମସିହାରେ ଏହା ୧୪୬.୩ ମିଲିୟନ ଟନ ଥିବାବେଳେ ୨୦୨୨-୨୩ ରେ ତାହା ୨୩୦.୬୦ ମିଲିୟନ ମେଟ୍ରିକ ଟନ୍‌ରେ ପହଞ୍ଚିଛି । ଏହି ଅଭିବୃଦ୍ଧି ହାର, ବାର୍ଷିକ ହାରାହାରି ୫.୯%, ବୈଶ୍ୱିକ ହାରାହାରି ୨% ଠାରୁ ଅଧିକ । ମୁଣ୍ଡପିଛା ଦୁଗ୍ଧ ଉପଲବ୍ଧତା ୨୦୧୩-୧୪ ରେ ଦୈନିକ ୩୦୭ ଗ୍ରାମରୁ ୨୦୨୨-୨୩ ରେ ଦୈନିକ ୪୫୯ ଗ୍ରାମରେ ପହଞ୍ଚିଛି । ଏହିସବୁ ସଫଳତା ପଶୁପାଳନ କ୍ଷେତ୍ରକୁ 'ସୂର୍ଯ୍ୟୋଦୟ କ୍ଷେତ୍ର' (ସନ୍‌ରାଇଜ୍ ସେକ୍ଟର) ଭାବରେ ଅଗ୍ରଣୀ କରାଉଛି । ଦେଶରେ ପ୍ରଚଳିତ ବିଭିନ୍ନ କାର୍ଯ୍ୟକ୍ରମ, କାର୍ଯ୍ୟାନ୍ୱୟନରେ ବିଭିନ୍ନ ଆହ୍ୱାନଗୁଡ଼ିକ ସଂପର୍କରେ ବିସ୍ତୃତ ଆଲୋଚନା କରିବା ପାଇଁ ଏହି ବୈଠକ ଅଭିପ୍ରେତ । କେନ୍ଦ୍ର ମନ୍ତ୍ରୀଙ୍କ ସହିତ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବିଭାଗୀୟ ମନ୍ତ୍ରୀମାନଙ୍କ ବିଚାର ଆଲୋଚନାରେ ବିଭିନ୍ନ ରାଜ୍ୟର ସଫଳତା ଉପସ୍ଥାପିତ ହେବ ଏବଂ ଏହା ସମସ୍ତଙ୍କ ପାଇଁ ଶିକ୍ଷଣ ଅଭିଜ୍ଞତା ଆଣିଦେବ । ମୌସୁମୀ ବୈଠକରେ କେତେକ ପ୍ରମୁଖ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବାର ସମ୍ଭାବନା ରହିଛି ।

ଉତ୍ତମ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ବିଭିନ୍ନ ଅନୁଷ୍ଠାନ ସହ ଆଲୋଚନା

ବ୍ରହ୍ମପୁର,୧୧।୯(ନି.ପ୍ର.): ଗଞ୍ଜାମ ଜିଲ୍ଲାରେ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ କଣ ସବୁ ପଦକ୍ଷେପ ଗ୍ରହଣ କରାଯାଇପାରିବ ସେ ନେଇ ସହରର ବୁଦ୍ଧିଜୀବୀ ଏବଂ ବିଭିନ୍ନ ସାମାଜିକ ଅନୁଷ୍ଠାନର ମୁଖ୍ୟଙ୍କ ସହ ଆଲୋଚନା କରିଛନ୍ତି ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ସନ୍ତୋଷ ପାଢ଼ୀ । ଏନେଇ ସିଡ଼ିଏମ୍?ଓଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଆଇଇସି ହଲ୍?ରେ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା । ମହାନ୍? ସଂଘ ସଭାପତି ସୁଶାନ୍ତ ସାବତ, ଇଟି ରାଓ ସମେତ ଅନ୍ୟମାନେ ଆଲୋଚନାରେ ସାମିଲ ହୋଇଥିଲେ । ସମସ୍ତଙ୍କ ସହଯୋଗରେ ଜିଲ୍ଲାରେ ରୋଗ ଓ ସଂକ୍ରମଣକୁ ଦୂର କରାଯାଇପାରିବ ବୋଲି ସିଡ଼ିଏ?ଓ କହିଥିଲେ । ବିଦେଶ ଭଳି ଉତ୍ତମ ଜଳବାୟୁ ଖାଦ୍ୟ, ପାନୀୟକୁ ଗୁରୁତ୍ୱ ଦେଲେ ସମସ୍ତେ ନିରୋଗ ରହିବା ବୋଲି ସେ କହିଥିଲେ । ଏମ୍?କେସିଜି ମେଡ଼ିକାଲ୍? ଉପରୁ ଚିକିତ୍ସା ଭାର କମାଇବା ପାଇଁ ଉପଖଣ୍ଡ ଚିକିତ୍ସାଳୟରେ ସମସ୍ତ ପ୍ରକାର ସୁବିଧା ଯୋଗାଇବାପାଇଁ ପ୍ରସ୍ତାବ ଦେଇଥିଲେ ।

ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣ ଶିବିର ଉଦଘାଟିତ

ନୟାଗଡ଼,୧୧।୯(ନି.ପ୍ର.): ନୂଆଗାଁ ବ୍ଲକ ଅନ୍ତର୍ଗତ ଗତିଶ୍ୱର ସ୍ନାତକ ମହାବିଦ୍ୟାଳୟରେ ଅଖିଳ ଭାରତ ଅମୃତବାଣୀ ସେବା ପ୍ରତିଷ୍ଠାନ ଦ୍ୱାରା ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣ ଶିବିର ଶୁଭ ଉଦଘାଟନ ହୋଇଯାଇଅଛି। ଦଶଦିନାତ୍ମକ ଉକ୍ତ ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର କର ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିବାବେଳେ ସଂସ୍କୃତ ବିଭାଗର ମୁଖ୍ୟ ଡ଼କ୍ଟର ସୁଶାନ୍ତ କୁମାର ମାଝୀ ସ୍ୱାଗତ ଭାଷଣ ତଥା ଅତିଥି ମାନଙ୍କର ପରିଚୟ କରିଥିଲେ। ଅଧ୍ୟାପିକା ବିଜୟ ଲକ୍ଷ୍ମୀ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଅଖିଳ ଭାରତ ଅମୃତାବାଣୀ ସେବା ପ୍ରତିଷ୍ଠାନର ମହା ସଚିବ ଜୟପ୍ରକାଶ ଶାସ୍ତ୍ରୀ ଭାଷା ଜନନୀ ରୂପେ ସଂସ୍କୃତଭାଷାର ମହଣୀୟତାକୁ ଆଲୋଚନା କରିଥିଲେ ଓ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

ସଚେତନତା ପାଇଁ ଗଡ଼ିଲା ସୁଭଦ୍ରା ରଥ

କାକଟପୁର,୧୧।୯(ନି.ପ୍ର.): ମହିଳା ମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାର ଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସୁଭଦ୍ରା ଯୋଜନାର ସଫଳ ରୂପାୟନ ନିମନ୍ତେ କାକଟପୁର ବ୍ଲକ ରେ ସଚେତନତା ରଥ ପରିକ୍ରମା କରିଛି । ଏହି ରଥକୁ ବ୍ଲକ ର ମହିଳା ଶିଶୁ ବିକାଶ ବିଭାଗର ସମସ୍ତ କର୍ମଚାରୀ, ସିଡିପିଓ, ସୁପରଭାଇଜର, ଅଙ୍ଗନବାଡି କର୍ମୀ, ସୁଭଦ୍ରା ଯୋଜନା ଅନ୍ତର୍ଗତ ହିତାଧିକାରୀ କାକଟପୁର ବଜାର ଠାରେ ସ୍ୱାଗତ କରିଥିଲେ । ବିଶେଷ କରି ନିଃଶୁଳ୍କ ଆବେଦନ କରିବା, ଆବେଦନ କେନ୍ଦ୍ର ରେ ହିତାଧିକାରୀଙ୍କୁ ଉଚିତ ବ୍ୟବହାର, ବେନିୟମ କେନ୍ଦ୍ରର ଠକାମୀରେ ନପଡିବା ଇତ୍ୟାଦି ମାର୍ଗଦର୍ଶିକା ବିଷୟରେ ହିତାଧିକାରୀଙ୍କୁ ଏହି ରଥ ସଚେତନତା କରି। ସହିତ ମହିଳା ସଶକ୍ତ କ୍ଷେତ୍ରରେ ସୁଭଦ୍ରା ଯୋଜନା ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ସୁଭଦ୍ରା ଯୋଜନା ରେ କିପରି ମାର୍ଗଦର୍ଶିକା ଅନୁସାରେ ଆବେଦନ କରିବେ,ମା ଭଉଣୀଙ୍କୁ ସଚେତନ କରିବାର ପ୍ରୟାସ ନେଇ ଏହି ସଚେତନତା ରଥ ର ଅଭିଯାନ ବୋଲି କହିଛନ୍ତି ସୁପରଭାଇଜର ରାଜଲକ୍ଷ୍ମୀ ଦେଇ।

ଫ୍ରିୱାର୍ଲ୍ଡ ଏକ୍ସପୋର୍ଟ୍ସ ପ୍ରାଇଭେଟ ଲିମିଟେଡର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି (ଲିକ୍ୟୁଡେସନ ଅବସ୍ଥାରେ ଅଛି)

ପଞ୍ଜୀକୃତ କାର୍ଯ୍ୟାଳୟ : ନଂ - ୪୫, ଫାଷ୍ଟ ମେନ ରୋଡ, ଗାନ୍ଧୀ ନଗର, ଆଦ୍ୟାର, ଚେନ୍ନାଇ, ତାମିଲନାଡୁ - ୬୦୦୦୨୦

CIN : U51420TN2004PTC052776

(ଜନସାଇଭେନ୍ସି ଏବଂ ବ୍ୟାଙ୍କ୍ରପ୍ସି କୋଡ,୨୦୧୬ ଅନୁଯାୟୀ ବିକ୍ରୟ)

ଏତଦ୍ୱାରା ସର୍ବସାଧାରଣଙ୍କୁବହୁଭାବେ ଆହ୍ୱାନ କରାଯାଉଛି ଯେ, ଫ୍ରିୱାର୍ଲ୍ଡଏକ୍ସପୋର୍ଟସ୍ ପ୍ରାଇଭେଟ ଲିମିଟେଡ (ଲିକ୍ୟୁଡେସନ ଅବସ୍ଥାରେଅଛି) ("କର୍ପୋରେଟ ଋଣଗ୍ରହୀତା") ଯାହା କାର୍ଯ୍ୟକାରୀ ଅବସ୍ଥାରେ ଅଛି, ବିକ୍ରୟ ନିମନ୍ତେ ନିଲାମ ଆହ୍ୱାନ କରାଯାଉଛି । "ଲିକ୍ୟ ନିମ୍ନଲିଖିତ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିଗୁଡିକ ଯାହା କର୍ପୋରେଟ ଋଣଗ୍ରହୀତାଙ୍କ ଲିକ୍ୟୁଡେସନ ଇଷ୍ଟେଟର ଅଂଶ ବିଶେଷ ସେଗୁଡିକ ଇ-ନିଲାମ ମାଧ୍ୟମରେ "ଯେଉଁଠାରେ ଅଛି ଆଧାରରେ", "ଯାହା ଅଛି ଆଧାରରେ", "ସେଥିରେ ଯାହା ଅଛି ଆଧାରରେ" ଏବଂ "ଅପରିବର୍ତ୍ତିତ ଆଧାରରେ" ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଇ-ନିଲାମ ସେବା ପ୍ରଦାନ କାରୀ ଏମ/ଏସ ନ୍ୟାସନାଲ ଇ-ଗଭର୍ଣ୍ଣାନ୍ସ ସର୍ଭିସେସ ଏଲିଟିଡି (NeSL) (ୱେବସାଇଟ୍ : https://nbid.nesl.co.in/app/login) ମାଧ୍ୟମରେ ବିକ୍ରୟ କରାଯିବ ।

ପ୍ରଥମ ଇ-ନିଲାମ ତାରିଖ ଏବଂ ସମୟ	ସୋମବାର, ୧୪ ଅକ୍ଟୋବର ୨୦୨୪ **ଲଟ୍ ୧** ନିମନ୍ତେ ଅପରାହ୍ନ ୧୨:୦୦ ଘଣ୍ଟାରୁ ଅପରାହ୍ନ ୨:୦୦ ଘଣ୍ଟା **ଲଟ୍ ୨** ନିମନ୍ତେ ଅପରାହ୍ନ ୩:୦୦ ଘଣ୍ଟାରୁ ୫:୦୦ ଘଣ୍ଟା
ଇଓଆଇ ଏବଂ କେୱାଇସି ଦସ୍ତାବିଜ, ଯୋଗ୍ୟତା ମାନଦଣ୍ଡ ପ୍ରମାଣପତ୍ର ନିମନ୍ତେ ଅନ୍ତିମ ତାରିଖ ଏବଂ ସମୟ	ଶନିବାର ପର୍ଯ୍ୟନ୍ତ ୨୮ ସେପ୍ଟେମ୍ବର ୨୦୨୪ର ଅପରାହ୍ନ ୫:୦୦ ଘଣ୍ଟା ମଧ୍ୟରେ
ସଫଳ ବିଡର (ମାନଙ୍କ) ଘୋଷଣା ତାରିଖ	ସୋମବାର ପର୍ଯ୍ୟନ୍ତ ୩୦ ସେପ୍ଟେମ୍ବର ୨୦୨୪
ସଫଳ ବିଡର (ମାନଙ୍କ) ନୀରିକ୍ଷଣ/ ସାମଗ୍ରୀଗୁଡିକର ଯଥାର୍ଥତା ତାରିଖ ଏବଂ ସମୟ	ଶୁକ୍ରବାର ପର୍ଯ୍ୟନ୍ତ ୧୧ ଅକ୍ଟୋବର ୨୦୨୪ (ଏହା ସହିତ ଶ୍ରୀ ସୁଧାଂଶୁ ପାଣ୍ଡେଙ୍କୁ ମୋବାଇଲ ନଂ ୯୮୨୧୯୧୬୬୧୯୦ଙ୍କୁ ଏକ ଦିନ ପୂର୍ବରୁ ପୂର୍ବାହ୍ନ ୧୧:୦୦ ଘଣ୍ଟାରୁ ଅପରାହ୍ନ ୫.୩୦ ଘଣ୍ଟା ମଧ୍ୟରେ (ରବିବାର ଏବଂ ରାଜ୍ୟ ଛୁଟି ଦିନ ବ୍ୟତୀତ) ଜଣାଇବେ ।
ଘୋଷଣା ଫର୍ମଗୁଡିକ ଏବଂ ଅମାନତ ରାଶି ଜମା (ଇଏମଡି) ଦାଖଲର ଅନ୍ତିମ ତାରିଖ	ଶୁକ୍ରବାର ପର୍ଯ୍ୟନ୍ତ ୧୧ ଅକ୍ଟୋବର ୨୦୨୪ର ଅପରାହ୍ନ ୫:୦୦ ଘଣ୍ଟା ମଧ୍ୟରେ

ନିଲାମରେ ଦୁଇଟି ଲଟ ସମ୍ପୃକ୍ତ ଏବଂ ଲିକ୍ୟୁଡେଟର (ଅନଲାଇନ କିମ୍ବା ହାଡକପି)ରେ ବିଡଗୁଡିକୁ ଦାଖଲ କରିବାକୁ ହେବ । ଲଟ -୨ ନିମନ୍ତେ ଆଉର ହେବ । ଯଦି ଲଟ-୧ରେ ସଫଳ ନିଲାମଧାରୀ ଉପଲବ୍ଧ ହେବେନାହିଁ । ବିଡ ଫର୍ମ ଏହା ସହିତ ଇ-ନିଲାମ ପ୍ରକ୍ରିୟା ବିଶଦ ସର୍ତ୍ତାବଳୀ ୱେବସାଇଟ୍ **https://nesl.co.in/auction-notices-under-ibc** ରେ ଡାଉନଲୋଡ କରିହେବ ।

କ୍ର. ନଂ	ବିବରଣୀ (ସାମଗ୍ରୀ)	ସଂରକ୍ଷିତ ମୂଲ୍ୟ (ଟଙ୍କା ଲକ୍ଷରେ)	ଇଏମଡି (ସଂରକ୍ଷିତ ମୂଲ୍ୟର ୫%)
ଲଟ୍ ୧	କର୍ପୋରେଟ ଋଣ ଗ୍ରହୀତା ସାମୂହିକ ଭାବେ(କାର୍ଯ୍ୟକାରୀଥିବାଆଧାରରେ)	୫୩୧୫.୯୯	୨୬୫.୮୦

ଲଟ୍ ୨ରେ ବ୍ଲକଗୁଡିକର ବିବରଣୀ

କ୍ର. ନଂ	ବିବରଣୀ (ସାମଗ୍ରୀ)	ସଂରକ୍ଷିତ ମୂଲ୍ୟ (ଟଙ୍କା ଲକ୍ଷରେ)	ଇଏମଡି (ସଂରକ୍ଷିତ ମୂଲ୍ୟର ୫%)
ବ୍ଲକ ୧	ମାଇନିଂ ଲିଜ ଜମି -ଲିଜରେ ନିଆଯାଇଥିବା ଖଣି ରଙ୍ଗୀନ ଗ୍ରାନାଇଟ ବିସ୍ତୃତି ୧.୪୪ ହେକ୍ଟର, ଏସଓ୍ୱାଇ ନଂ-୫୫୩ କୋଠାଗାଛୁ ଗ୍ରାମ, ଶଙ୍କରପାଟନମ ମଣ୍ଡଳ, କରିମନଗର ଜିଲ୍ଲା, ତେଲେଙ୍ଗାନା ରାଜ୍ୟ	୩୩୭.୮୧	୧୬.୮୯
ବ୍ଲକ ୨	ମାଇନିଂ ଲିଜ ଜମି -ଲିଜରେ ନିଆଯାଇଥିବା ଖଣି ରଙ୍ଗୀନ ଗ୍ରାନାଇଟ ବିସ୍ତୃତି ୧.୮୦ ହେକ୍ଟର, ଏସଓ୍ୱାଇ ନଂ-୫୫୨ ଏବଂ ୫୭୩ (୧୮.୨୬୯୯୪୬ଏକ ଏବଂ ୭୯.୩୨୭୦୭ଇ) କୋଠାଗାଛୁ ଗ୍ରାମ, ଶଙ୍କରପାଟନମ ମଣ୍ଡଳ, କରିମନଗର ଜିଲ୍ଲା, ତେଲେଙ୍ଗାନା ରାଜ୍ୟ	୪୨୧.୦୧	୨୧.୦୫
ବ୍ଲକ ୩	ମାଇନିଂ ଲିଜ ଜମି -ଲିଜରେ ନିଆଯାଇଥିବା ଖଣି ରଙ୍ଗୀନ ଗ୍ରାନାଇଟ ବିସ୍ତୃତି ୩.୩୩ ହେକ୍ଟର, ଏସଓ୍ୱାଇ ନଂ-୪୯୯ପି ଏବଂ ୫୫୧ କୋଠାଗାଛୁ ଗ୍ରାମ, ଶଙ୍କରପାଟନମ ମଣ୍ଡଳ, କରିମନଗର ଜିଲ୍ଲା, ତେଲେଙ୍ଗାନା ରାଜ୍ୟ	୭୮୨.୧୧	୩୯.୧୧
ବ୍ଲକ ୪	ମାଇନିଂ ଲିଜ ଜମି -ଲିଜରେ ନିଆଯାଇଥିବା ଖଣି ରଙ୍ଗୀନ ଗ୍ରାନାଇଟ ବିସ୍ତୃତି ୪.୯୨୯ ହେକ୍ଟର ମାଇନିଂ ଅଫିସର ବ୍ରହ୍ମପୁର ଓଡ଼ିଶା ରାଜ୍ୟଙ୍କଠାରୁ ଲିଜ୍ ନିଆଯାଇଛି । ଗ୍ରାମଗୁଡିକ ବାବନପୁର (ନଂ ୧୮୬) ଏବଂ ପିଡାମ୍ବରପୁର (ନଂ- ୨୩୦), ସନ୍ତୋଷପୁର ପୋଷ୍ଟ ଅଫିସ, ପୋଷ୍ଟ-ପାଡ୍ରପୁର ତହସିଲ, ଗଞ୍ଜାମ ଜିଲ୍ଲା ଓଡ଼ିଶା ରାଜ୍ୟ,(ପିନ -୭୬୦୧୦୪)	୧୩୧୦.୧୫	୬୫.୫୧
ବ୍ଲକ ୫	ଫ୍ରି ହୋଲ୍ଡ ଲ୍ୟାଣ୍ଡ ସ୍ଥାନ -ବାବନପୁର ଗ୍ରାମ, ପାଟପୁ। ତହସିଲ ଜିଲ୍ଲା-ଗଞ୍ଜାମ, ଓଡ଼ିଶା, ଖାତା ନଂ-୧୫୯/୭ ଏବଂ ଅନ୍ୟାନ୍ୟ ଖାତା ନଂ ଗୁଡିକ (ଏ ୬.୮୮୬ ଡିସିମିଲ) ଓଡ଼ିଶା ରାଜ୍ୟ	୩୦୪.୩୪	୧୫.୨୨
ବ୍ଲକ ୬	ଫ୍ରି ହୋଲ୍ଡ ଲ୍ୟାଣ୍ଡ ୨.୪୩ ଏକର ସ୍ଥାନ : ଏସଓ୍ୱାଇଁ ନଂ-୧୮୪/୧ ଏ ୧ ଚେମା ବାରମବକମ ଗ୍ରାମ-ପୁନାମାଲେଚାଲୁକ ଥିରୁଭାଲୁର ଜିଲ୍ଲା, ତାମିଲନାଡୁ	୧୨୨୬.୦୦	୬୧.୩୦
ବ୍ଲକ ୭	ଫ୍ରିହୋଲ୍ଡ ଲ୍ୟାଣ୍ଡ ଏହା ସହିତ ଫ୍ୟାକ୍ଟୋରିବିଲ୍ଡିଂ, ପ୍ଲଟ ନଂ-୧୪୯, ୧୬୧, ୨୯୩, ୨୯୫, ୨୯୬, ୨୯୭, ୨୯୮, ୨୯୯, ୨୯୧, ୨୯୨, ୨୯୩, ୨୯୪, ୧୬୧, ୧୬୨, ୧୬୩, ୧୬୪, ୧୬୫, ୧୬୬, ୧୬୭, ୧୬୮, ୧୬୯, ୧୮୮, ୧୮୧, ୧୮୨, ୧୮୩, ୧୮୪, ୧୮୫, ୧୮୬, ୧୮୭, ୧୮୮, ୧୮୯, ୧୮୧, ୧୮୨, ୧୮୩, ୧୮୪ ଏହାର ସଭେ ନମ୍ବର ଗୁଡିକ : ୧୧୯, ୧୩୦, ୧୫୫, ୧୬୯, ୧୮୧, ୧୮୩, ୧୮୪ ଲ୍ୟାଣ୍ଡ ଏବଂ ଫ୍ୟାକ୍ଟ୍ରି ବିଲ୍ଡିଂ ପ୍ଲଟ ନମ୍ବର: ୧୪୯, ୧୬୧, ୨୯୩, ୨୯୫, ୨୯୬, ୨୯୭, ୩୦୧, ୧୫୪/୯୬୧, ୧୫୫/୯୬୨, ୨୪୪/୧୮୮୩, ୨୯୫/୧୮୧୧, ୨୯୫/୧୮୧୨, ୩୦୧/୧୮୪୦ ଏହାର ସଭେ ନମ୍ବର ଗୁଡିକ : ୧୧୯, ୧୩୦, ୧୫୫, ୧୬୯, ୧୮୧, ୧୮୩, ୧୮୪ ଅନ୍ୟାନ୍ୟ ଖାତା ନମ୍ବର ଗୁଡିକ ମାଝୀଗାମ ଗ୍ରାମ ଏବଂ ମୌଳା ତହସିଲ -କଣ୍ଡିସି, ଜିଲ୍ଲା-ଗଞ୍ଜାମ, ବ୍ରହ୍ମପୁର, ଓଡ଼ିଶା (ଏ୨.୧୩୦ ଡିସିମିଲ)	୧୭୬.୧୪	୮.୮୧
ବ୍ଲକ ୮	ପ୍ଲାଣ୍ଟ ଏବଂ ମେସିନାରୀ ସ୍ଥାନ: କ. କଲର ଗ୍ରାନାଇଟ ଖଣିଗୁଡ଼ିକ ଯାହାର ବିସ୍ତୃତି ୧.୪୪ ହେକ୍ଟରରେ ଅଛି ସେହି ଖଣି ଲିଜ ନିମନ୍ତେ ଏସ୍‌ଓ୍ୱାଇ ନଂ ୫୫୩ କୋଠାଗାଛୁ ଗ୍ରାମ, ଶଙ୍କରପାଟନମ ମଣ୍ଡଳ, କରିମନଗର ଜିଲ୍ଲା, ତେଲେଙ୍ଗାନା ରାଜ୍ୟ ଖ. କଲର ଗ୍ରାନାଇଟ ଖଣିଗୁଡ଼ିକ ଯାହାର ବିସ୍ତୃତି ୧.୮୦ ହେକ୍ଟରରେ ଅଛି ସେହି ଖଣି ଲିଜ ନିମନ୍ତେ ଏସ୍‌ଓ୍ୱାଇ ନଂ. ୫୫୨ ଏବଂ ୫୭୩ (୧୮.୨୬୯୯୪୬ ଏକ୍ ଏବଂ ୭୯.୩୨୭୦୭ଇ) କୋଠାଗାଛୁ ଗ୍ରାମ, ଶଙ୍କରପାଟନମ ମଣ୍ଡଳ, କରିମନଗର ଜିଲ୍ଲା, ତେଲେଙ୍ଗାନା ରାଜ୍ୟ ଗ. କଲର ଗ୍ରାନାଇଟ ଖଣିଗୁଡ଼ିକ ଯାହାର ବିସ୍ତୃତି ୩.୩୩ ହେକ୍ଟରରେ ଅଛି ସେହି ଖଣି ଲିଜ ନିମନ୍ତେ ଏସ୍‌ଓ୍ୱାଇ ନଂ. ୪୯୯ପି ଏବଂ ୫୫୧ କୋଠାଗାଛୁ ଗ୍ରାମ, ଶଙ୍କରପାଟନମ ମଣ୍ଡଳ, କରିମନଗର ଜିଲ୍ଲା, ତେଲେଙ୍ଗାନା ରାଜ୍ୟ	୫୧.୧୦	୨.୫୫
ବ୍ଲକ ୯	ପ୍ଲାଣ୍ଟ ଏବଂ ମେସିନାରୀ ସ୍ଥାନ: କ. କଲର ଗ୍ରାନାଇଟ ଖଣିଗୁଡ଼ିକ ଯାହାର ବିସ୍ତୃତି ୪.୯୨୯ ହେକ୍ଟରରେ ଅଛି ଯାହା ମାଇନିଂ ଅଫିସର୍, ବ୍ରହ୍ମପୁର, ଓଡ଼ିଶା ରାଜ୍ୟ ଗ୍ରାମ ବାବନପୁର (ନଂ. ୧୮୬) ଏବଂ ପିଡାମ୍ବରପୁର (ନଂ.୨୩୦) ସନ୍ତୋଷପୁର ପୋଷ୍ଟ, ପାଡ୍ରପୁର ତହସିଲ, ଗଞ୍ଜାମ ଜିଲ୍ଲା, ଓଡ଼ିଶା ରାଜ୍ୟ (ପିନ୍: ୭୬୦୧୦୪)ରେ ଅଛି ଖ. ବାବନପୁର ଗ୍ରାମ, ପାଟପୁର ତହସିଲ, ଜିଲ୍ଲା ଗଞ୍ଜାମ, ଓଡ଼ିଶା ଖାତା ନଂ. ୧୫୯/୭ ଏବଂ ଅନ୍ୟାନ୍ୟ ଖାତା ନଂ (ଏ. ୬.୮୮୬ ଡେସିମିଲ) ଓଡ଼ିଶା ରାଜ୍ୟ ଗ. ଜମି ଏବଂ ଫ୍ୟାକ୍ଟ୍ରି ବିଲ୍ଡିଂ, ପ୍ଲଟ ନଂ ୧୪୯, ୧୬୧,